# ତହସିଲଦାର ଙ୍କ କାର୍ଯ୍ୟାଳୟ,ବୀରମହାରାଜପୁର

# ଦୀର୍ଘ ମିଆଦି ଲିଜ ନିଲାମ ଇସ୍ତାହାର

ବିଜ୍ଞପ୍ତି ସଂଖ୍ୟା 1465 ତାରିଖ 12-05-2022

ଏତଦ୍ୱାର ସର୍ବ ସାଧାରଣ ଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଛି ଯେ,ବୀରମହାରାଜପୁର ତହସିଲ ଅନ୍ତରଗତ ସୈରାତ ଉତ୍ସ ଗୁଡିକ ଦୀର୍ଘ ମିଆଦି ଲିଜ ସୂତ୍ରେ ଓଡିଶା ଲଘୁ ଖଣିଜ ରିହାତି ଆଇନ -2016 ( O.M.M.C.Rule-2016 ) ମୁତାବକ ପାଞ୍ଚ ବର୍ଷ ନିମନ୍ତେ 2022-23 ଆର୍ଥିକ ବର୍ଷ ଠାରୁ 2026-27 ଆର୍ଥିକ ବର୍ଷ ପର୍ଯ୍ୟନ୍ତ ଦିଆଯିବ । ଏଥି ସମ୍ପର୍କିତ ସମସ୍ତ ବିବରଣୀ ଯଥା – ବିଜ୍ଞାପନ, ସର୍ତ୍ତ ବଳି , ସୈରାତ ଉତ୍ସ ନାମ ଓ ଅବସ୍ଥାନ, ନିଲାମ ତାରିଖ ଓ ସ୍ଥାନ ଆଦି www.subarnapur.nic.in ରେ ଉପଲବ୍ଧ କରାଯାଇଛି । ଇଚ୍ଛୁକ ବ୍ୟକ୍ତି ବିଶେଷ ବିଜ୍ଞାପନ ରେ ଦର୍ଶାଯାଇଥିବା Form-M ପୂରଣ କରି ତତ ସହିତ ଅବଶ୍ୟକିୟ ଦସ୍ତାବିଜ ସଂଲଗ୍ନ କରି ଜଉମୁଦ ଲଫାପାରେ ତହସିଲଦାର ବୀରମହାରାଜାପୁର କାର୍ଯ୍ୟାଳୟ ରେ ଦାଖଲ କରିବେ, ଅଥବା ରେଜେଷ୍ଟ୍ରି ରେ ଡାକଯୋଗେ ସମୟ ସୀମା ମଧ୍ୟ ରେ ଦାଖଲ କରିପାରିବେ ।

BPatnaik
12-05-2022
ତହସିଲଦାର, ବୀରମହାରାଜପୁର

# ତହସିଲଦାର ଙ୍କ କାର୍ଯ୍ୟାଳୟ,ବୀରମହାରାଜପୁର

# ଦୀର୍ଘ ମିଆଦି ଲିଜ ନିଲାମ ଇସ୍ତାହାର

ବିଜ୍ଞପ୍ତି ସଂଖ୍ୟା 1466 ତାରିଖ 12.05.2022

ଏତଦ୍ୱାରା ସର୍ବ ସାଧାରଣ ଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଛି ଯେ,ବୀରମହାରାଜପୁର ତହସିଲ ଅନ୍ତର୍ଗତ ନିମ୍ନ ଲିଖିତ ସୈରାତ ଉତ୍ସ ( ଲଘୁ ଖଣିଜ ଦସ୍ତାବୀଜ ) ର ଆସନ୍ତା ପାଞ୍ଚ ବର୍ଷ ନିମନ୍ତେ – 2022-23 ଆର୍ଥିକ ବର୍ଷ ଠାରୁ 2026-27 ଆର୍ଥିକ ବର୍ଷ ପର୍ଯନ୍ତ ଲିଜ ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଛି । ଇଛୁକ ବ୍ୟକ୍ତି ବିଶେଷ ( O.M.M.C Rule-2016 ) ଦ୍ୱାରା ପ୍ରଣିତ Form – M ପୂରଣ କରି 3 କପି ସହ ନିମ୍ନ ଲିଖିତ ଦସ୍ତାବୀଜ ସଂଲଗ୍ନ କରି ଜଉମୁଦା ଲଫାପାରେ ତହସିଲଦାର ବୀରମହାରାଜପୁର କାର୍ଯ୍ୟଳୟରେ ଦାଖଲ କରିବେ, ଅଥବା ରେଜିଷ୍ଟ୍ରି ଡାକ ଯୋଗେ ଆବେଦନ କରି ପାରିବେ ( ଲଫାପା ଉପରେ ସୈରାତ ଉତ୍ସ ର ନାମ ଲେଖା ଥିବା ଆବଶ୍ୟକ ) ଧାର୍ଯ୍ୟ ତାରିଖ ପୂର୍ବ ଦିନ ( 01.06.2022 ) ଅପରାହ୍ନ ଘ 5.00 ରେ ପ୍ରାପ୍ତ ହୋଇଥିବା ଦରଖାସ୍ତ ଗୁଡିକ ବିଚାରକୁ ନିଆଯିବ । କୌଣସି କାରଣ ନଦର୍ଶାଇ ନିଲାମ କୁ ସ୍ଥଗିତ / ରଦ୍ଦ କରିବା ର କ୍ଷମତା କ୍ଷମତା ପ୍ରାପ୍ତ ଅଧିକାରୀ ଓ ତହସିଲଦାର, ବୀରମହାରାଜପୁର ଙ୍କ ରହିଛି ।

ଦରଖାସ୍ତ ସହ ଦାଖଲ କରିବାକୁ ଦସ୍ତା ବୀଜ :

1- ଦରଖାସ୍ତ ପାଉଣା ବାବଦ ଟ .1000 ଟଙ୍କା ର ଟ୍ରେଜେରୀ ଚାଲାଣ ଆଣଫେରସ୍ତ ( ଅନ-ଫୋର୍ସ )ରାଶି ର ଟ୍ରେଜରି ଚାଲାଣ ଦାଖଲ କରିବେ । ( Demand No" 0853-Non-Ferrous Mining & Metallurgical idusries102-Mineral Concession, fees, Rents & Royalties 0217- Receipt under Orissa Minor Minerals Concession Fees ( New) 02021-Collection of Fees, Rents & Royalties ( New)"
2- ଦରଖାସ୍ତ କାରୀ ନିଜ ସପକ୍ଷରେ କୌଣସି ବକେୟା ପାଉଣା ( ଲଘୁ ଖଣିଜ ଦ୍ରବ୍ୟ ସମ୍ବଧୀୟା ନଥିବା ଶପଥ ପାଠ ( Affidavit ) ଦାଖଲ କରିବେ ।
3- ଦରଖାସ୍ତ ସହିତ ଅମାନତ ରାସୀ ବାବଦକୁ ସୈରାତ ଉତ୍ସ ର ମୋଟ ବାର୍ଷିକ ଦୟର ପାଞ୍ଚ ପ୍ରତିଶତ ( 5% ) ଡ୍ରାଫ ମାଧମରେ ତହସିଲଦାର ବୀରମହାରାଜପୁର ( Payable at Birmaharajpur Tahasil ) ନାମରେ ପ୍ରଦାନ କରିବେ . [ EMD i.e. 5% of MGQ X (Royalty +Additional Charges)].
4- ପ୍ରସ୍ତାବିତ ସୈରାତ ଉତ୍ସ ତଫସିଲ ସହ ଚୌହଦି ର ସମ୍ପୁରଣ ବିବରଣୀ ସମ୍ପୃକ୍ତ ସୈରାତ ଉତ୍ସ ଗୁଡିକ ପରିଦର୍ଶନ କରି ତହସିଲ କାର୍ଯ୍ୟ ଲୟ ଦ୍ୱାରା ପ୍ରସ୍ତୁତ ନକ୍ସା ମେଲକରି ଲଂଲଗ୍ନ କରିବେ ।
5- Solvency Certificate/ ବ୍ୟାଙ୍କ ଗେରେଣ୍ଟି (18 ମାସ ପାଇଁ ବିଧି ମାନ୍ୟତା ଥିବା valid for a period of 18 month) ଯାହାକି ଦରଖାସ୍ତ କରୁଥିବା ସୈରାତ ଉତ୍ସ ର ବାର୍ଷିକ ମୂଲ୍ୟ [ MGQ x (Royalty + Additional Charges)] ଠାରୁ ଅଧିକ ହୋଇଥିବା ।
6- ଅନ୍ୟାନ୍ୟ ଆବଶ୍ୟକୀୟ ବିବରଣୀ ଯଥା – ବୈଷଇକ ଜ୍ଞାନ, ଦକ୍ଷତା, ନିଜର ଉପଲବ୍ଧ ଥିବା ଜନ୍ତ୍ର ପାତି ଓ ଆର୍ଥିକ ଅବସ୍ଥା ବାବଦ ତଥ୍ୟ ।
7- ଆୟ କର ସମ୍ପର୍କିତ ନିକାସ ପ୍ରମାଣପତ୍ର ( Income- Tax Clearance Certificate ) କିମ୍ବା Last assessment year ର IT return ନକଲ ଦାଖଲ କରିବେ ।
8- ଦରଖାସ୍ତ କରି ଆଧାର କାର୍ଡ ଓ ପାନ କାର୍ଡ ର ନକଲ ଦାଖଲ କରିବେ ।

**ବିଶେଷ ସର୍ତ୍ତାବଳୀ :**

1. ଆବେଦନ କରି ଓଡିଶା ଲଘୁ ଖଣିଜ ଦସ୍ତ ବୀଜ ରିହାତି ସଂଶୋଧିତ ନିୟମା ବଳୀ,-2016 ( O.M.M.C. Rule-2016) ଏବଂ Manual of Tahasil Accounts ର ପରିସର ଭୁକ୍ତ ରହିବେ ।
2. ପ୍ରଚଳତି ନିୟମା ବଳୀ ଅନୁଯାୟୀ ରୟାଲିଟି ସର୍ବୋଚ୍ଛ ଅତିରିକ୍ତ ମୂଲ୍ୟ ( ଯାହାକି ପ୍ରଚଳତି ରୟାଲିଟି ର 5% ଅଥବା ଜିଲ୍ଲାପାଳ ସୁବର୍ଣ୍ଣପୁର ଙ୍କ ଦ୍ୱାରା ଅନୁମୋଦିତ ପରିମାଣ ରୁ ଅଧିକ ହୋଇଥିବା ) ଉଲ୍ଲେଖ କରିଥିବା ନିୟମା ଧାରୀ ଙ୍କ ଦରଖାସ୍ତ କୁ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ । ଯଦି 1 ରୁ ଅଧିକ ଦରଖାସ୍ତ କରି ସମାନ ସର୍ବୋଚ୍ଛ ଅତିରିକ୍ତ ମୂଲ୍ୟ ଉଲ୍ଲେଖ କରିଥାନ୍ତି ତାହାହେଲେ ଲଟରି ମାଧମରେ ଲିଜ ଧାରୀ ଚୟନ କରାଯିବ ।
3. ଲିଜ ପ୍ରଦାନ ନିମନ୍ତେ ଚୟନ କରାଯାଇଥିବା ଆବେଦନ କାରୀ କ୍ଷମତା ପ୍ରାପ୍ତ ଅଧିକାରୀ ଙ୍କ ଦ୍ୱାରା ଧାର୍ଯ୍ୟ ଅମାନତ ଅର୍ଥ ନିଲାମ ଚୁଡାନ୍ତ ର 7 ଦିନ ମଧ ରେ ନଗଦ ଟଙ୍କା ଆକାରରେ ସଂପୃକ୍ତ ତହସିଲଦାର ଙ୍କ ନିକଟରେ ଦାଖଲ କରିବେ ।
4. ମାଇନିଂଗ ପ୍ଲାନ ରେ ଦର୍ଷା ଯାଇଥିବା ଉତ୍ତୋଳନ ନିମନ୍ତେ ଉଦିଷ୍ଟ ଲଘୁ ଖଣିଜ ଦସ୍ତାବିଜ ପରିମାଣ ତଥା ଲିଜ ଧାରୀ ଙ୍କ ଦ୍ୱାରା ଉଲ୍ଲେଖ କରଜଇଥିବା ସର୍ବୋଚ୍ଛ ମୂଲ୍ୟ କୁ ଗୁଣନ କରି ସମ୍ପୃକ୍ତ ଅର୍ଥ କୁ Environment Clearance ଆଣି ସାରିଲା ପରେ ପଇଠ କରିବେ । ସଂପୂର୍ଣ୍ଣ ପଇଠ ହେଲାପରେ ରେଜିଷ୍ଟ୍ରେସନ ଆକ୍ଟ -1908 ଓ ଷ୍ଟାମ୍ପ ଆକ୍ଟ -1899 ଅନୁଯାୟୀ ଚୁକ୍ତି ( Lease Deed ) ସମ୍ପାଦନ କରିବେ ।
5. ଯଦି ସର୍ବୋଚ୍ଛ ରୟାଲିଟି ମୂଲ୍ୟାଙ୍କନ କରି ଥିବେ ଆବେଦନ କାରି ସମୟ ସୀମା ମଧରେ ଅମାନତ ରାସୀ ଦାଖଲ କରିବାରେ ଖିଲାପ କରନ୍ତି ତାହାହେଲ ଦ୍ୱିତୀୟ ଏବଂ ପରବର୍ତ୍ତୀ ସର୍ବାଧିକ ନିଲାମ ଧାରୀ ମାନଙ୍କୁ କ୍ରମନ୍ୱୟରେ ସୁଯୋଗ ଦିଆଯିବ ।
6. ଯଦି ଦରଖାସ୍ତ କାରି ଧାର୍ଯ୍ୟ ରୟାଲିଟି ମୂଲ୍ୟ ଠାରୁ କମ ମୂଲ୍ୟ ଉଲ୍ଲେଖ କରିଥାନ୍ତି, ତେବେ ଦରଖାସ୍ତ ବିଚାରକୁ ନିଆଯିବ ନହିଁ ।
7. ନିଲାମ ଧାରୀ ମାନେ OMMC Rules, 2016 ରେ ଥିବା ନିୟମ 27 ରୁ 1 ରୁ 17 ପର୍ଯ୍ୟନ୍ତ ସମସ୍ତ ସର୍ତ୍ତ ବଳି ମାନିବା ନିମନ୍ତେ ବାଧହେବେ ।
8. ଲିଜ ଧାରୀ ଜମା ରୟାଲିଟିରୁ 2% ଅର୍ଥ ଆୟକର ବାବଦକୁ ଏବଂ 5% ଅର୍ଥ ପରିବେଶ ପରିଚାଳନା ପାଣ୍ଠି କୁ ଜମା କରିବେ ।
9. ଦରଖାସ୍ତ କରି Mines & Minerals ( Dev -& Regulation ) Act 1957 ଏବଂ Explosive Act, 1984 ର ସମସ୍ତ ନିୟମା ବଳିର ଅନ୍ତର୍ଭୁକ୍ତ ରହିବେ ।
10. ଦରଖାସ୍ତ କାରି ପ୍ରତି ବର୍ଷ କେତେ ପରିମାଣ ରେ ଲଘୁ ଖଣିଜ ପଦାର୍ଥ ର ଉତ୍ତୋଳନ କରିବେ ଓ ସର୍ବ ନିମ୍ନ ଅତିରିକ୍ତ ରୟାଲିଟି ବିଷୟରେ ଦରଖାସ୍ତ ରେ ଉଲ୍ଲେଖ କରିବେ ।
11. ପ୍ରତି ଲିଜ ଧାରୀ ନିଜ ଖର୍ଚ୍ଚ ରେ Mining Plan EMP, Environment Clearance ଏବଂ consent to operate from Pollution Control Board ପ୍ରସ୍ତୁତ କରି ଦାଖଲ କରିବେ, ଯଦି ଲିଜ ପ୍ରଦାନ କାରି ( ତହସିଲଦାର ) ସରକାରୀ ଦେୟରେ ଏସବୁ ପ୍ରସ୍ତୁତ କରିଥିବେ ତେବେ,ପରବର୍ତ୍ତୀ ସମୟରେ ଲିଜ ଧାରୀ ଙ୍କ ଠାରୁ ଉକ୍ତ ଖର୍ଚ୍ଚ ଲିଜ ରାଜିନାମା ଦାଖଲ ସମୟ ରେ ଅସୁଲ କରାଯିବ ।
12. ଲିଜ ପ୍ରଦାନ ନିମନ୍ତେ ଚୟନ କରାଯାଇଥିବା ଆବେଦନ କାରି ଲଘୁ ଖଣିଜ ଦ୍ରବ୍ୟ ର ବାର୍ଷିକ ସର୍ବନିମ୍ନ ପ୍ରତ୍ୟଭୁତ ପରିମାଣ ( Annual Minimum Guaranteed Quantity) ମୋଟ ରୟାଲିଟି/ ଅତିରିକ୍ତ ରୟାଲିଟି / District Mineral Fund/ State Mineral Fund ବାବଦ ଦେୟ ର ମୋଟ ପରିମାଣ 25% ରୁ E.M.D. ଦାଖଲ ହୋଥିବା ଅର୍ଥ କୁ କାଟି ବାକି ଅର୍ଥ ସୁଧ ବିହୀନ Security Deposit ଆକାରରେ ଲିଜ ରାଜିନାମା ସମୟରେ ପଇଠ କରିବା ପାଇଁ ବାଧ । ଯଦି ଏହି ହିସାବ ହୋଇନ ପାରେ, ତେବେ ଲିଜ ପ୍ରଦାନ କାରୀ ଅଧିକାରୀ ଅଥବା ତହସିଲଦାର ଧାର୍ଯ୍ୟ କରିଥିବା ଅର୍ଥ ରାଶି ( ବିନା ସୁଧରେ ) ଦାଖଲ କରିବେ । ଏଥିସହ ଲିଜ ପ୍ରଦାନ ନିମନ୍ତେ ଚୟନ କରାଜାଇଥିବା ଆବେଦନ କାରୀ ଲିଜ ଚୁକ୍ତି ର ସମସ୍ତ ସର୍ତ୍ତା ବଳିର ଉପଯୁକ୍ତ ଅନୁପାଳନ ସକାଶେ ଟ 10,000 ଟଙ୍କା ଅମାନତ ରୂପେ ଜମା କରିବେ । ( ଦ୍ରଷ୍ଟବ୍ୟ ନିୟମା 42 )

13. ଲିଜ ନାମନ୍ତେ ଚୟନ ହୋଇଥିବା ଆବେଦନ କାରି ଚୟନ ପରେ ତିନି ସପ୍ତାହ ମଧ୍ୟରେ O.M.M.C.Rule,-2016 ରେ ଥିବା N ଫର୍ମ ରେ ରାଜିନାମା କରିବା ପାଇଁ ବାଧ୍ୟ । ଚୟନ ପ୍ରକ୍ରିୟା ପରେ ତିନି ମାସ ମଧ୍ୟ ରେ ଲିଜ ଧାରି ଅନୁମୋଦନ ପ୍ରାପ୍ତ Mining Plain E.M.P, Environment Clearance consent to operate from Pollution Control Board କାର୍ଯ୍ୟାଳୟ ରେ ଦାଖଲ କରିବେ । ନଚେତ ତାଙ୍କର ଲିଜ ଅନୁମୋଦନ ବାଜ୍ୟାପ୍ତି କରାଯିବ ଏବଂ ଜମା କରିଥିବା ଅମାନତ ରାଶୀ ବାଜ୍ୟାପ୍ତି କରାଯାଇ ସରକାରଙ୍କ ପାଣ୍ଠି କୁ ଚାଲିଯିବ ।

14. ଲିଜ ଅବଧିର ଶେଷ ପର୍ଯ୍ୟାୟ ପରେ ଯଦି ଲିଜ ଧାରୀ ଲିଜ ସର୍ତ୍ତବଳି ରେ କୌଣସି ଖିଲାପ କରିନ ଥିବେ ତେବେ , ଜମା ହୋଇଥିବା ଅମାନତ ଅର୍ଥ ରାସୀ ଫେରସ୍ତ କରାଯିବ ଅନ୍ୟଥା ଉକ୍ତ ରାସୀ ବାଜ୍ୟାପ୍ତ କରାଯିବ ।

15. ଜିଲ୍ଲା ପାଲ ବା ଜଙ୍ଗଲ ସରକ୍ଷଣ ଅଧିକାରୀ କୌଣସି କାରଣ ନଦର୍ଶାଇ ଯେ କୌଣସି ସମୟରେ ଲିଜ କୁ ନାକଚ କରିପାରିବେ ।

16. ଯଦି କୌଣସି ଦରଖାସ୍ତ କାରି ସର୍ବୋଚ ମୂଲ୍ୟ ଉଲ୍ଲେଖ କରିଥାନ୍ତି ଏବଂ ପରବର୍ତ୍ତୀ ସମୟରେ ମୃତ୍ୟୁ ବରଣ କରିଥାନ୍ତି, ସେହି ଅମାନତ ଅର୍ଥ ରାଶି ଏବଂ ଲିଜ ରାଜି ନାମା ଲିଜଧାରୀ ଙ୍କ ଉତ୍ତରାଧି କାରି ଅଥବା ଆଇନ ଗତ ପ୍ରତିନିଧି ମାନେ ପୁନଶ୍ଚ ଲିଜ ରାଜିନାମା କରି ସମ୍ପୃକ୍ତ ଖଣି ଲିଜ ପରିଚାଳିନା କରିପାରିବେ ।

17. ଚୟନ ହୋଇଥିବା ସମସ୍ତ ଲିଜ ଧାରୀ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ସଂଶୋଧିତ ନିୟମା ବଳୀ ,2016 ( OMMC Rules -2016) ର ଧାରା 27,28,29,30,31,32, ଏବଂ 33 ର ସମସ୍ତ ଉପଧାରା ସର୍ତ୍ତ ବଳି କୁ ମାନିବାକୁ ବାଧ୍ୟ ।

18. ସରକାର ଙ୍କ ପ୍ରଚଳତି ଆଦେଶ ନାମା ଅନୁଯାୟୀ ରୟାଲିଟି ମୂଲ୍ୟ ବୃଦ୍ଧି କୁ ନେଇ ଲିଜ ଧାରୀମାନେ ବର୍ଦ୍ଧିତ ଧାରାରେ ରୟାଲିଟି ପଇଠ କରିବା ପାଇଁ ବାଧ୍ୟ ।

ପ୍ରଥମ ନିର୍ଦ୍ଧାରିତ ନିଲାମ ତାରିଖ ଦିନ ଯେଉଁ ସୈରାତ ଉତ୍ସ ଗୁଡିକ ନିଲାମ ହୋଇନ ପାରିବ, ପୁନଶ୍ଚ ଦ୍ୱିତୀୟ ଥର ପାଇଁ ଓ ତୃତୀୟ ଥର ପାଇଁ ସାରଣୀ ଅନୁଯାୟୀ ପରବର୍ତ୍ତୀ ନିର୍ଦ୍ଧାରିତ ତାରିଖ ଓ ସମୟ ରେ ନିଲାମ ହେବ । ପ୍ରଥମ ଥର ଯେଉଁ ଉତ୍ସ ପାଇଁ ଯୋଗ୍ୟ ଲିଜ ଧାରୀ ଚୟନ କରିଯାଇ ପାରିବ ନାହିଁ । ସେହି ଉତ୍ସ ଦ୍ୱିତୀୟ ଥର ପାଇଁ ତା 15.06.2022 ( ଅପରାହ୍ନ 5.00 ଘଟିକା ) ଏବଂ ତୃତୀୟ ଥର ପାଇଁ ତା 26.06.2022 ( ଅପରାହ୍ନ 5.00 ଘଟିକା ) ଦରଖାସ୍ତ ଗ୍ରହଣ କରାଯିବ ଏବଂ ଯଥାକ୍ରମେ ତତ ପରଦିନ ଗୁଡିକରେ ଦିବା 11.00 ଘଟିକା ସମୟରେ ଏହି କାର୍ଯ୍ୟାଳୟରେ ଜଉମୁଦା ଦିଆ ବାକ୍ସ ଖୋଲାଯାଇ ଯୋଗ୍ୟ ଲିଜ ଧାରୀ ଚୟନ କରାଯିବ । ସୈରାତ ଉତ୍ସ ଓ ନିଲାମ ସମ୍ବଧୀୟ ସମସ୍ତ ସର୍ତାବଳି ତହସିଲ କାର୍ଯ୍ୟାଳୟ ରୁ ( ଛୁଟିଦିନ ବ୍ୟତୀତ ) ସମସ୍ତ କାର୍ଯ୍ୟ ଦିବସରେ ମିଳିପାରିବ ଏବଂ ଏହି ସମନ୍ଧୀୟ ସମ୍ପୂର୍ଣ ତଥ୍ୟ www.subarnapur.nic.in ରେ ଉପଲବ୍ଧ ରହଛି । ଯଦି, ଉକ୍ତ ଇସ୍ତାହାର କୌଣସି ତ୍ରୁଟି ପରିଲିଖିତ ହୁଏ, ତେବେ, ଏହାର ସଂଶୋଧନ କରିବାର କ୍ଷମତା ତହସିଲଦାର, ବୀରମହାରାଜପୁର ଙ୍କ ରହିଛି । ନିଲାମ ସ୍ଥାନ ଧାର୍ଯ୍ୟ ତାରିଖ ଓ ସମୟ ନିମ୍ନ ରେ ପ୍ରଦାନ କରାଯାଇ ନିଲାମ ପାଇଁ ଉଦିଷ୍ଟ ସୈରାତ ଉତ୍ସ ର ସଂପୂର୍ଣ୍ଣ ବିବରଣୀ ଏଥି ସହିତ ସଂଲଗ୍ନ କରାଯାଇଛି ।

ନିଲାମ ସ୍ଥାନ – ତହସିଲଦାର କାର୍ଯ୍ୟାଳୟ ବୀରମହାରାଜପୁର ।

ଧାର୍ଯ୍ୟ ତାରିଖ ଓ ସମୟ ପ୍ରଥମ ଥର – 02.06.2022, 11 AM.

ଧାର୍ଯ୍ୟ ତାରିଖ ଓ ସମୟ ଦ୍ୱିତୀୟ ଥର –16.06.2022, 11 AM.

ଧାର୍ଯ୍ୟ ତାରିଖ ଓ ସମୟ ତୃତୀୟ ଥର –27.06.2022, 11 AM.

ବିଜ୍ଞାପନ ସଂଖ୍ୟା 1467 ତାରିଖ 12-05-2022

ଏହି ବିଜ୍ଞାପନ ର ଏକକିତା ନକଲ ଜିଲ୍ଲାପାଳ ସୁବର୍ଣ୍ଣପୁର/ ପ୍ରକଳ୍ପ ନିର୍ଦ୍ଦେଶକ ,ଜିଲ୍ଲା ଗ୍ରାମ ଉନ୍ନୟନ ସଂସ୍ଥା ସୁବର୍ଣ୍ଣପୁର/ ଉପ-ଜିଲ୍ଲାପାଳ, ବୀରମହାରାଜପୁର/ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବୀରମହାରାଜପୁର ତହସିଲ ଅଧିନସ୍ଥ ସମସ୍ତ ସରପଞ୍ଚ ଓ ସମସ୍ତ ରାଜସ୍ୱ ନିରିକ୍ଷକ ଙ୍କ ନିକଟକୁ ସେମାନଙ୍କ କାର୍ଯ୍ୟଳୟ ରେ ନୋଟିସ ବୋଡ ରେ ସର୍ବ ସାଧାରଣ ଙ୍କ ଅବଗତି ନିମନ୍ତେ ପ୍ରକାଶ କରାଗଲା ।

BPattnaik 12-05-2022

ତହସିଲଦାର,ବୀରମହାରାଜପୁର

ବିଜ୍ଞାପନ ସଂଖ୍ୟା - 1468 ତାରିଖ 12-05-2022

ଏହି ବିଜ୍ଞାପନ ର ଏକକିତା ନକଲ ଜିଲ୍ଲା ବୈଷୟିକ ସୂଚନା ଅଧିକାରୀ, ରାଷ୍ଟ୍ରୀୟ ସୂଚନା କେନ୍ଦ୍ର, ସୁବର୍ଣ୍ଣପୁର ଙ୍କ ନିକଟକୁ ଜିଲ୍ଲା ୱେବସାଇଟ www.subarnapur.nic.in ଜରିଆରେ ପ୍ରସାରିତ କରିବା ସକାଶେ ପ୍ରେରଣା କରାଗଲା ।

BPattnaik 12-05-2022

ତହସିଲଦାର,ବୀରମହାରାଜପୁର

## ବିରମହାରାଜପୁର ତହସିଲ ଅଧୀନରେ ଥିବା ଲଘୁ ଖଣି ଗୁଡିକ ସମ୍ପୂର୍ଣ୍ଣ ବିବରଣୀ

| କ୍ରମ ସଂଖ୍ୟା | ଉତ୍ସ ର ନାମ | କେସ ନମ୍ବର | ଖାତା ନମ୍ବର | ପ୍ଲଟ ନମ୍ବର | କିସମ | ରକବା | ରୟାଲିଟି ଘ.ମି ପ୍ରତି | ନିମ୍ନ ଅତିରିକ୍ତ ଟଙ୍କା | ନିମ୍ନତମ ବାର୍ଷିକ ଉଠାଣ ଘ.ମି. | EMD ଅଗ୍ରୀମ ଦାଖଲ କରିବା ଅମାନତ ରାଶିର ପରିମାଣ ଟଙ୍କା ରେ |
|---|---|---|---|---|---|---|---|---|---|---|
| 1 | ହରିହର ଯୋର ଅଚଣ୍ଡା ବାଲି ଘାଟ | 5/2020 | 55 | 18 | ନଦୀ | 12.355 | 35.00 | 130.00 | 5000 | 41250/- |
| 2 | ମେଣ୍ଡାମାଳ – ମାଣିକପୁର(ବାଳୀ ଘାଟ) | 3/2020 | 55 | 33 | ନଦୀ | 30.00 | 35.00 | 130.00 | 10000 | 82500.00 |
| 3 | ପଥର ଘାଟ – ମାନିକପୁର (ବାଳୀଘାଟ) | 4/2020 | 55 | 36 | ନଦୀ | 16.380 | 35.00 | 130.00 | 5100 | 42075.00 |
| 4 | ଦୁହୁଲପାଳି (ବାଳୀଘାଟ) | 6/2020 | 55 | 41 | ନଦୀ | 20.000 | 35.00 | 130.00 | 7000 | 57750.00 |
| 5 | ବଡକିରାଶିରା ( ଜ ) ( ପଥର ଖଣି) | 1/2020 | 8 | 72 | ପଥର ଖଣି | 3.000 | 130.00 | 130.00 | 5355 | 69615.00 |
| | | | | | | | | | | |

BPattnaik 12-05-2022

ତହସିଲଦାର, ବିରାମହାରାଜପୁର